# ଓଡ଼ିଶା ବିଧାନସଭା

## ପ୍ରଥମ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୦୫ ସେପ୍ଟେମ୍ବର ୨୦୨୪

----

[ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା - ଇସ୍ପାତ ଓ ଖଣି - ଯୋଜନା ଓ ସଂଯୋଜନ - ବାଣିଜ୍ୟ - ପରିବହନ - ସୂଚନା ଓ ଲୋକ ସମ୍ପର୍କ - ଜଳ ସମ୍ପଦ ମୁଖ୍ୟମନ୍ତ୍ରୀ ].

**ମୋଟ ପ୍ରଶ୍ନର ସଂଖ୍ୟା 30**

----

### ଚେକ୍ ଡ୍ୟାମ୍ ନିର୍ମାଣ

***571 ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଭଣ୍ଡାରୀପୋଖରୀ ଓ ବନ୍ତ ବ୍ଲକର କେଉଁ କେଉଁ ଠାରେ ଚେକ୍ ଡ୍ୟାମ୍ ନିର୍ମାଣ ହୋଇ କେତେ ଜମିକୁ ଜଳସେଚନର ସୁବିଧା ପ୍ରଦାନ କରାଯାଉଛି ପ୍ରକାଶ କରି ଅଧିକ ଚେକ୍ ଡ୍ୟାମ୍ ନିର୍ମାଣ କରି ଜଳସେଚନ ବ୍ୟବସ୍ଥାର ସଂପ୍ରସାରଣ ପାଇଁ କି ପଦକ୍ଷେପ ନିଆଯାଉଅଛି?

----

### ବଜ୍ରପାତ ସଂକ୍ରାନ୍ତରେ ଆଗୁଆ ସୂଚନା ପ୍ରଦାନ

***572 ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ୫ବର୍ଷ ମଧ୍ୟରେ ରାଜ୍ୟରେ ବଜ୍ରପାତରେ କେତେ ସଂଖ୍ୟକ ଲୋକ କେଉଁ ଜିଲ୍ଲାରେ ମୃତ୍ୟୁବରଣ କରିଛନ୍ତି , ବଜ୍ରପାତରେ ମୃତ୍ୟୁ ପାଇଁ କେତେ ଟଙ୍କାର ସରକାରୀ ସହାୟତା ମିଳୁଛି , ବଜ୍ରପାତ ସଂକ୍ରାନ୍ତରେ ଲୋକଙ୍କୁ ଆଗୁଆ ସୂଚନା ପ୍ରଦାନ ପାଇଁ ସରକାରଙ୍କ ପକ୍ଷରୁ କି କି ପଦକ୍ଷେପ ଗ୍ରହଣ କରାଯାଇଛି ?

----

### ମୟୂରଭଞ୍ଜ ଜିଲ୍ଲାରେ ଖଣି ଉତ୍ତୋଳନ

***573 କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମୟୂରଭଞ୍ଜ ଜିଲ୍ଲାରେ କେଉଁ କେଉଁ ଖଣିଜ ପଦାର୍ଥ ମହଜୁଦ ସମ୍ପର୍କରେ ସରକାର ଆକଳନ କରିଛନ୍ତି ଓ ତାହାର ଉତ୍ତୋଳନ ପାଇଁ କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## DMF Fund ର ବିନିଯୋଗ

***574 ଡା. ଫକୀର ମୋହନ ନାଏକ (ତେଲକୋଇ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ତେଲକୋଇ ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ବ୍ରାହ୍ମଣୀପାଳ ଓ ଦୈତାରୀ ଖଣୀ ଖାଦାନ ଅଞ୍ଚଳର Peripheral Development ନିମନ୍ତେ ଉଦ୍ଦିଷ୍ଟ ଥିବା DMF Funds ଅର୍ଥରାଶି କେନ୍ଦୁଝର ଜିଲ୍ଲାକୁ ଆବଣ୍ଟନ କରାନଯାଇ କେବଳ ଯାଜପୁର ଜିଲ୍ଲାକୁ DMF ସମ୍ପୂର୍ଣ୍ଣ ଅର୍ଥ ଦିଆଯାଉଥିବା ସତ୍ୟ କି, ଯଦି ସତ୍ୟ ତେବେ କେନ୍ଦୁଝର ଜିଲ୍ଲା ଅଧିନରେ ଆସୁଥିବା ଖଣି ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ DMF Funds ର Share ବା ଭାଗଅଂଶ କେନ୍ଦୁଝର ଜିଲ୍ଲାକୁ Realise/Transfer କରିବା ପାଇଁ ବ୍ୟବସ୍ଥା କରିବେ କି ?

----

## ବିଜ୍ଞାପନ ପ୍ରଦାନ

***575 ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- 2020-21 ମସିହାରୁ ଅଦ୍ୟାବଧି କେଉଁ କେଉଁ ସଂସ୍ଥା Print Media ଏବଂ Electronics Media କୁ କେତେ ଟଙ୍କାର ବିଜ୍ଞାପନ ସରକାରଙ୍କ ତରଫରୁ ଦିଆଯାଇଛି ତାର ସବିଶେଷ ତଥ୍ୟ ବିବରଣୀ ପ୍ରଦାନ କରିବେ କି ?

----

## ନୂତନ ବସଷ୍ଟାଣ୍ଡ ରକ୍ଷଣାବେକ୍ଷଣ

***576 ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭୋଗରାଇ ବ୍ଲକର ଥାନା ଛକରେ ନିର୍ମିତ ନୂତନ ବସଷ୍ଟାଣ୍ଡର ରକ୍ଷଣାବେକ୍ଷଣ ଓ ପରିମଳ ବ୍ୟବସ୍ଥା ଦାୟିତ୍ୱ କେଉଁ ସଂସ୍ଥାକୁ ଦିଆଯାଇଥିଲା; ସମ୍ପୃକ୍ତ ସଂସ୍ଥା ବର୍ତ୍ତମାନ ଏହି ଦାୟିତ୍ୱରେ ଅଛି ନା ଅବ୍ୟାହତି ଦିଆଯାଇଛି; ଯଦି ଅବ୍ୟାହତି ଦିଆଯାଇଛି, ବସଷ୍ଟାଣ୍ଡର ସଫେଇ ଓ ରକ୍ଷଣାବେକ୍ଷଣ ପାଇଁ ଅନ୍ୟ କେଉଁ ସଂସ୍ଥାକୁ ଦାୟିତ୍ୱ ଦିଆଯାଉନାହିଁ କାହିଁକି; ଏହି ବ୍ୟବସ୍ଥାକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ କେବେ ସୁଦ୍ଧା ପଦକ୍ଷେପ ନେବେ ?

----

## କେନାଲ ପୁନଃରୁଦ୍ଧାର

***577 ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ପୁରୀ ଜିଲ୍ଲା ଅନ୍ତର୍ଗତ ବୁଧଙ୍ଗ କେନାଲ ଯାହା କି ବହୁ ଚାଷୀଙ୍କର ଜୀବନରେଖା ହୋଇଥିବା ସତ୍ତ୍ୱେ ଏହା ଅତ୍ୟନ୍ତ ଖରାପ ଅବସ୍ଥାରେ ଓ ଜଳ ଅବରୋଧ ହୋଇଥିବା ସରକାରଙ୍କର ଦୃଷ୍ଟିକୁ ଆସିଛି କି, ଯଦି 'ହଁ' ଏହି କେନାଲକୁ ପୁନରୁଦ୍ଧାର କରିବା ପାଇଁ କି ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ ଏହି ପୁନରୁଦ୍ଧାର କାର୍ଯ୍ୟ କେବେସୁଦ୍ଧା ସମ୍ପୂର୍ଣ୍ଣ ହେବ ଏକ ନିର୍ଦ୍ଦିଷ୍ଟ ସମୟସୀମା ଜଣାଇବା ସହିତ ଏକ ସ୍ୱତନ୍ତ୍ର ଆର୍ଥିକ ବ୍ୟବସ୍ଥା କରିବବେ କି ?

----

## ରିଲିଫ୍ କୋଡର ପରିବର୍ତ୍ତନ

***578 ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସରକାରଙ୍କ ଦ୍ୱାରା ପରିଚାଳିତ ହେଉଥିବା ରିଲିଫ୍ କୋଡ କେବେ ଠାରୁ କାର୍ଯ୍ୟକାରୀ ହେଲା, ପ୍ରଚଳିତ ପରିସ୍ଥିତିରେ ଏହାର ପରିବର୍ତ୍ତନ ଆବଶ୍ୟକ ହେଉଥିବା ବେଳେ ସରକାର କେଉଁ ନିୟମକୁ ପରିବର୍ତ୍ତନ କରିବାକୁ ବିଚାର କରୁଛନ୍ତି ଓ ତାହା କିପରି?

----

## ସୋରଡ଼ା ପଥର ଖଣିକୁ କାର୍ଯ୍ୟକ୍ଷମ କରିବାକୁ ପଦକ୍ଷେପ

***579 ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

(କ) ନୟାଗଡ଼ ଜିଲ୍ଲାର କେଉଁ ବ୍ଲକରେ କେତେଗୋଟି ପଥର ଖଣି କେବେଠାରୁ ଚାଲୁଅଛି, ସେଥିରୁ କେତୋଟି ଖଣି ନୂତନ ନିୟମ ଅନୁଯାୟୀ କେବେଠାରୁ ରାଜସ୍ୱ ବିଭାଗଠାରୁ ଇସ୍ପାତ ଓ ଖଣି ବିଭାଗକୁ ସ୍ଥାନାନ୍ତର ହୋଇଛି, ଲିଜ ଦିଆଯାଇଥିବା ପଥର ଖଣି ଗୁଡ଼ିକ କେଉଁ କେଉଁ ପ୍ଲଟରେ ରହିଛି ସାବିକ ରେକର୍ଡ଼ ଅନୁଯାୟୀ ସେଗୁଡ଼ିକ କେଉଁ କିସମର, ପଥର ଖଣି ଗୁଡ଼ିକ ଲିଜ୍ ଦେବା ପୂର୍ବରୁ ସମସ୍ତ ନିୟମର ଅନୁପାଳନ କରାଯାଇଥିଲା କି, ନିୟମର ସଠିକ ପାଳନ ହୋଇଥିଲେ କୌଣସି ଖଣିକୁ ବନ୍ଦ କରାଯାଇଛି କି ଏବଂ ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ; (ଖ) ସୋରଡ଼ା ପଥର ଖଣିର ସମସ୍ତ କାଗଜ ପତ୍ର ଠିକ୍ ଥିବା ଓ ପାହାଡ଼ କିସମ ଥିବାରୁ ପ୍ରଥମେ ରାଜସ୍ୱ ବିଭାଗରୁ ଇସ୍ପାତ ଓ ଖଣି ବିଭାଗକୁ ହସ୍ତାନ୍ତର ହୋଇଥିବା କଥା ସତ୍ୟ କି, ଉତ୍ତର ହଁ ହେଲେ, କେବେସୁଦ୍ଧା ଉକ୍ତ ଖଣିକୁ ଚାଲୁକରିବା ପାଇଁ ଅନୁମତି ପ୍ରଦାନ କରିବେ ଜଣାଇବେ କି ?

----

## ରାଜ୍ୟ ଯୋଜନା ବୈଠକ ସମ୍ପର୍କରେ

***580 ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କେଉଁ ଅଭିମୁଖ୍ୟ ନେଇ ରାଜ୍ୟ ଯୋଜନା ବୋର୍ଡ଼ ଗଠନ କରାଯାଇଛି, ଯୋଜନା ଗୁଡ଼ିକୁ ଫଳପ୍ରଦ କରିବା ପାଇଁ ୱାର୍ଡ଼ପକ୍ଷରୁ ବାର୍ଷିକ ସର୍ବନିମ୍ନ କେତୋଟି ବୈଠକ ବସିବାର ପ୍ରାବଧାନ ରହିଛି; ଗତ ୫ ବର୍ଷ ମଧ୍ୟରେ କେତେ ଥର ଏହି ବୈଠକ ବସିଥିଲା ଏବଂ କେଉଁ ସବୁ ଯୋଜନାର କାର୍ଯ୍ୟକାରୀ କରାଯାଇଥିଲା ?

----

## ଖବର କାଗଜକୁ ପ୍ରୋତ୍ସାହନ

***581 ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କୋଭିଡ୍ ପରବର୍ତ୍ତୀ ଅବସ୍ଥାରେ ରାଜ୍ୟରୁ ପ୍ରକାଶିତ କେଉଁ ଦୈନିକ ଖବର କାଗଜର ପ୍ରସାରଣ ସଂଖ୍ୟା କେତେ ହ୍ରାସ ପାଇବା ସହ କେଉଁ ଖବରକାଗଜ ଗୁଡ଼ିକ ପ୍ରକାଶନ ବନ୍ଦ ହୋଇ ଏହା ଇ-ପେପରରେ ପ୍ରକାଶିତ ହେଉଛି ଦର୍ଶାଇ ଖବରକାଗଜ ଗୁଡ଼ିକର ଏହି ସଂକଟ ସମୟରେ ସରକାର ପ୍ରୋତ୍ସାହିତ କରି ତାହାକୁ ବଞ୍ଚାଇ ରଖିବାକୁ କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## Scrap-yard କୁ ପଠାଯାଇଥିବା ଗାଡିର ନିଲାମ

***582 ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

2023-24 ଆର୍ଥିକ ବର୍ଷ ସୁଦ୍ଧା ପେଟ୍ରୋଲ ଓ ଡିଜେଲ ଚାଳିତ ବାହନର life span 15 ବର୍ଷ ପୂର୍ଣ୍ଣ ହୋଇଥିବା ସରକାରୀ ବାହନର ସଂଖ୍ୟା କେତେ ; ତନ୍ମଧ୍ୟରୁ କେତୋଟି ସରକାରୀ ବାହନକୁ scrap ବୋଲି ଘୋଷଣା କରାଯାଇଛି ଏବଂ Scrap-yard ରେ ପଠାଯାଇଛି ; ରାଜ୍ୟରେ କେତୋଟି Scrap-yard ଅଛି ଏବଂ ସେଗୁଡିକ କେଉଁ କେଉଁ ଜିଲ୍ଲାରେ କେଉଁ ସ୍ଥାନରେ ରହିଛି ଜଣାଇବେ କି ; Scrap-yard କୁ ପଠାଯାଇଥିବା ବାହନଗୁଡିକର ସ୍ଥିତି କଣ ; Scrap-yard କୁ ପଠାଯାଇଥିବା ବାହନଗୁଡିକର ନିଲାମ ହୋଇ ସାରିଛି ବା ହେବ ; ଯଦି ହଁ କେବେ ଠାରୁ ପ୍ରକ୍ରିୟା ଆରମ୍ଭ ହେବ ; ଅତିରିକ୍ତ ଟିକସ୍ ଦେଇ ବ୍ୟକ୍ତିଗତ ବାହନର ମାଲିକମାନେ ବାହନ life span ଆହୁରି 5 ବର୍ଷ ବଢେଇବାର ନିୟମରେ କେତୋଟି ବାହନର life span କୁ ବୃଦ୍ଧି କରିବାର ଅନୁମତି ପ୍ରଦାନ କରାଯାଇଛି ଏବଂ ଏ ବାବଦ 2019-20 ରୁ 2023-24 ସୁଦ୍ଧା ସରକାର କେତେ ରାଜସ୍ୱ ବର୍ଷୱାରୀ ପାଇଛନ୍ତି ଜଣାଇବେ କି?

----

## ଅଚଳ ଚେକ ଡ୍ୟାମକୁ କାର୍ଯ୍ୟକ୍ଷମ

***583 ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବଲାଙ୍ଗୀର ଜିଲ୍ଲାର ମୁରିବାହାଲ, ତୁରେଇକେଲା ଓ ବଙ୍ଗୋମୁଣ୍ଡା ବ୍ଲକରେ କେତେଗୋଟି ଚେକ୍‌ଡ୍ୟାମ୍ ନିର୍ମାଣ ହୋଇଥିଲାବେଳେ ତାହା ମାଧ୍ୟମରେ କେତେ ଜମିକୁ ଜଳସେଚନର ସୁବିଧା ପ୍ରଦାନ କରାଯାଉଛି, କେଉଁ ଚେକ୍ ଡ୍ୟାମ୍ ଗୁଡ଼ିକ ଅଚଳ ଅବସ୍ଥାରେ ଅଛି, ସେଗୁଡ଼ିକ କାର୍ଯ୍ୟକ୍ଷମ କରିବା ସହ ଅଧିକ ଚେକ୍‌ଡ୍ୟାମ୍ ନିର୍ମାଣ କରି ଜିଲ୍ଲାକୁ ଜଳସେଚିତ କରିବାକୁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ

***584 ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରେ କେତୋଟି ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ଅଛି, ସେଗୁଡିକର ବର୍ତ୍ତମାନ କି ଅବସ୍ଥାରେ ଅଛି, ଏହାର ସ୍ଥିତି କଣ, ବାତ୍ୟାବେଳେ ଆଶ୍ରୟ ନେଇଥିବା ଲୋକଙ୍କ ପାଇଁ ପିଇବା ପାଣିର ବ୍ୟବସ୍ଥା କେତେ ବାତ୍ୟା ଆଶ୍ରୟସ୍ଥଳୀରେ ଅଛି, ଅଧିକ ସଂଖ୍ୟକ ବାତ୍ୟା ଆଶ୍ରୟସ୍ଥଳୀର ଆବଶ୍ୟକତା ଚାନ୍ଦବାଲିରେ ଥିବାବେଳେ ସରକାର କି ପଦକ୍ଷେପ ନେଉଛନ୍ତି ?

----

**ବାଲି ଉଠାଣ**

***585 ଶ୍ରୀ ଅଶୋକ ମହାନ୍ତି (ପାଲଲହଡା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପାଲଲହଡା ନିର୍ବାଚନ ମଣ୍ଡଳୀରେ କେତୋଟି ବାଲି ଖଣିର ଅନୁଧ୍ୟାନ ପାଇଁ ଅଧିନରେ ଅଛି, ସେଥିମଧ୍ୟରୁ ବଜ୍ରକୋଟ ଖଣିରୁ ବାଲି ଉଠାଣ ହେଉଛି କି ଏହା ନିଲାମ ହୋଇଛି କି?

----

**DMF ପାଣ୍ଠିର ବିନିଯୋଗ**

***586 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-

(କ) ରାଜ୍ୟର ଗତ ୧୦ ବର୍ଷ ମଧ୍ୟରେ କେଉଁ ଖଣି ଖାଦାନରୁ କେତେଟଙ୍କା District Mineral Foundation (DMF) ପାଣ୍ଠିକୁ ଆସିଛି ଏବଂ ଏହାକୁ କେଉଁ କେଉଁ ପ୍ରକଳ୍ପରେ କେତେ ଅର୍ଥ କେଉଁଥିପାଇଁ ଖର୍ଚ୍ଚ ହୋଇଛି ତା'ର ବର୍ଷୱାରୀ, ଜିଲ୍ଲାୱାରୀ ତଥ୍ୟ ଦେବାସହ, DMF ପାଣ୍ଠିକୁ ଖର୍ଚ୍ଚ କରିବାର ନିୟମାବଳୀ କ'ଣ ରହିଛି ଜଣାଇବେ କି ; (ଖ) ସୁନ୍ଦରଗଡ, କେଉଁଝର ଓ ଯାଜପୁର ଜିଲ୍ଲାର କେଉଁ ପ୍ରକଳ୍ପ ଗୁଡିକୁ ପ୍ରାଧାନ୍ୟ ଦେଇ ଜନସାଧାରଣଙ୍କ ତରଫରୁ DMF ପାଣ୍ଠିରୁ ଆର୍ଥିକ ସହାୟତା ପାଇଁ ଜିଲ୍ଲାପାଳଙ୍କ ନିକଟକୁ ଆବେଦନ କରାଯାଇଥିଲା ଏବଂ ସେଥି ମଧ୍ୟରୁ କେଉଁଗୁଡିକୁ କେତେ ଅର୍ଥ ଦିଆଯାଇଛି ତାର ପ୍ରକଳ୍ପୱାରୀ ଓ ବର୍ଷୱାରୀ ତାଲିକା ଦେବେ କି ; ଏବଂ DMF ଫଣ୍ଡର ଖର୍ଚ୍ଚ କରିବାର ଅଧିକାର କେଉଁ ଅଧିକାରୀଙ୍କ ନିକଟରେ ରହିଛି ?

----

**ସାମ୍ବାଦିକଙ୍କ ସୁରକ୍ଷା**

***587 ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ସାମ୍ବାଦିକ ମାନଙ୍କର ସୁରକ୍ଷା ପାଇଁ କି କି ଆଇନମାନ ପ୍ରଚଳିତ ଅଛି କହିବେ କି, (ଖ) ପ୍ରଚଳିତ ଆଇନ ସୁରକ୍ଷା ଦେବାରେ ଯଥେଷ୍ଟ ହେଉ ନଥିବା ହେତୁ ସରକାର ଏକ ସ୍ୱତନ୍ତ୍ର ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବାକୁ ବିଚାର କରିବେ କି ?

----

**Tourist Permit ପ୍ରଦାନ**

***588 ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

(କ) ରାଜ୍ୟରେ କଟକ ଭୁବନେଶ୍ୱରରୁ ବିଭିନ୍ନ ଅଞ୍ଚଳକୁ ଚାଲୁଥିବ କେଉଁ କେଉଁ ବେସରକାରୀ ବସ ଗୁଡ଼ିକର permit ଅଛି ଓ କେଉଁ କେଉଁ ଗୁଡ଼ିକର Tourist Permit ରେ ଚାଲୁଛି ତାର ଏକ ତାଲିକା ପ୍ରଦାନ କରିବେ କି; (ଖ) କୋରାପୁଟ ଜିଲ୍ଲାଦେଇ କେଉଁ କେଉଁ ବସ ଗୁଡ଼ିକ permit ଅଛି ଓ କେଉଁ କେଉଁ ଗୁଡ଼ିକ Tourist permit ରେ ଚାଲୁଛି ତାର ଏକ ତାଲିକା ପ୍ରଦାନ କରିବେ କି, ଓ Tourist permit Bus ଗୁଡ଼ିକରେ ଅଘଟଣ ଘଟିଲେ ଯାତ୍ରୀଙ୍କ ପାଇଁ ସରକାର କି କି ପଦକ୍ଷେପ ନେବେ ?

----

## ଜଳସେଚନ ପାଇଁ ପଦକ୍ଷେପ

***589 ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ସୁନ୍ଦରଗଡ ଜିଲ୍ଲାରେ ସମସ୍ତ ବ୍ଲକର କେତେ ଚାଷ ଜମି କେଉଁ କେଉଁ ସୂତ୍ରରୁ ଜଳସେଚିତ ହେଉଅଛି ଏବଂ ଆଗାମୀ ଦିନରେ ଜିଲ୍ଲାର ସମସ୍ତ ଚାଷପୋଯୋଗୀ ଅଞ୍ଚଳକୁ ଜଳସେଚନ କରାଯିବା ନିମନ୍ତେ କି କି ପଦକ୍ଷେପ ଗ୍ରହଣ କରାଯାଇଛି ଓ କି କି ପଦକ୍ଷେପ ଗ୍ରହଣ କରାଯିବ?

----

## ପତିତ ଗୋଚର ଜମି ରେକର୍ଡ କରିବା

***590 ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ବାଲେଶ୍ୱର ଜିଲ୍ଲା ସିମୁଳିଆ ତହସିଲ ଅଧିନସ୍ଥ ଅଣ୍ଡରାଇ ରାଜସ୍ୱ ଗ୍ରାମରେ ଥିବା ସରକାରୀ ପତିତ, ଗୋଚର ଜମି 2018 ମସିହାରେ ସାବକ ଖାତା ନଂ-୨45, ପ୍ଲଟ ନଂ.-1945, 1943, 1972, 1975, 1815, 1790 ଚକବନ୍ଦୀ ସମୟରେ ଚଞ୍ଚକତା ଓ ଉଚ୍ଚ ପଦାଧିକାରୀଙ୍କ ଦ୍ୱାରା ନିଜର ନାମରେ ହାଲ ଖାତା ନଂ-1141 ଅନୁସାରେ କରାଇ ନେଇଥିବା ଓ ଏ ସଂକ୍ରାନ୍ତରେ ବାରମ୍ବାର ବାଲେଶ୍ୱର ଜିଲ୍ଲାପାଳ ଓ ସ୍ଥାନୀୟ Tahasildar ଙ୍କ ଦୃଷ୍ଟିକୁ ଆଣିଥିଲେ ମଧ୍ୟ କୌଣସି ପଦକ୍ଷେପ ନ ନେବାର କାରଣ କଣ ?

----

## ଖଣି ଉତ୍ତୋଳନ

***591 ଶ୍ରୀ ସିଦ୍ଧାନ୍ତ ମହାପାତ୍ର (ଦିଗପହଣ୍ଡି):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ମାଇନର, ମେଜର ଏବଂ ସ୍ପେଶାଲ ମିନେରାଲ୍ସ ଉତ୍ତୋଳନ କରିବାର ବାର୍ଷିକ ସର୍ବାଧିଂ୍କ ପରିମାଣ କେତେ, ଏଥିପାଇଁ ବିଭାଗ ତରଫରୁ କି ମାନଦଣ୍ଡ ନିର୍ଦ୍ଧାରଣ କରାଯାଇଛି, କେଉଁ ଏଜେନ୍ସି ମାନଙ୍କୁ ଏହି କାର୍ଯ୍ୟରେ ନିୟୋଜନ କରାଯାଇଛି, ସେମାନଙ୍କ ନାମ ତାଲିକା ପ୍ରଦାନ କରିବା ସହ ରାଜ୍ୟ ସରକାର ବାର୍ଷିକ କେତେ ରାଜସ୍ୱ ପାଉଛନ୍ତି ତାହା ଦର୍ଶାଇବେ କି, ଉତ୍ତୋଳନ କାର୍ଯ୍ୟ ଦ୍ୱାରା ସାଧାରଣ ଜୀବନ ଯାପନ ଏବଂ ସାମଗ୍ରିକ ଉନ୍ନତିମୂଳକ କାର୍ଯ୍ୟ ଯେପରି ବାଧାପ୍ରାପ୍ତ ନହୁଏ ସେଥିପ୍ରତି ସରକାର ସଜାଗ ଅଛନ୍ତି କି, ଏହି ଖଣିଜ ସମ୍ପଦର ସଠିକ ବିନିଯୋଗ ନିମନ୍ତେ ଡାଉନ ଷ୍ଟ୍ରିମ ଇଣ୍ଡଷ୍ଟ୍ରି ସ୍ଥାପନ କରି ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବେ କି ?

----

## ବିଭାଗର Plan, Policy ର ସୂଚନା

***592 ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଓଡ଼ିଶାରେ ସରକାରଙ୍କ କେଉଁ କେଉଁ ବିଭାଗ ତରଫରୁ କେଉଁ କେଉଁ plans, policies ଏବଂ programmes ରହିଛି ସଂପୂର୍ଣ୍ଣ ସୂଚନା ଯୋଗାଇଦେବେ କି ଏବଂ କେଉଁ ଯୋଜନା ଗୁଡ଼ିକ ସମାଜର ଏବଂ ଲୋକଙ୍କର ଉନ୍ନତିରେ ସଫଳତା ହାସଲ କରି ଅଛି ,ତା'ର ବିବରଣୀ ଯୋଗାଇ ଦେବେ କି ?

----

## E-Bus ଚଳାଚଳ

***593 ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

(କ) ବାଲେଶ୍ୱର ପରିବହନ ବିଭାଗ ଦ୍ୱାରା ଲୋକାଲ ବସ ଓ ଟାଉନ ବସ ଭଳିଆ କେତେଗୋଟି ଲକ୍ଷ୍ମୀ ବସ ଚଳାଚଳ କରୁଛି, ବସ କିଣା ବାବଦକୁ କେତେ ଅର୍ଥ ଖର୍ଚ୍ଚ ହୋଇଛି, ବିଶେଷ କରି ସଦର ନିର୍ବାଚନ ମଣ୍ଡଳୀରେ ଉକ୍ତ ବସ ସେବା ପାଇଁ monthly ସରକାରଙ୍କର ଖର୍ଚ୍ଚ କେତେ ଓ ଆୟ କେତେ ଏବଂ ଉକ୍ତ ବସ ଗୁଡିକରେ ଲୋକ ହେଉନଥିବା କଥା ସତ୍ୟ କି ; ତେବେ ଏ ଦିଗରେ ସରକାର କଣ ପଦକ୍ଷେପ ଗ୍ରହଣ କରିବେ କହିବେ କି ; (ଖ) ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ପୌରପାଳିକାରେ କେତେ ଅର୍ଥ ବ୍ୟୟରେ କେତେଗୋଟି E-Bus କିଣାଯାଇଛି, କେତେଗୋଟି ବସ କେଉଁ route ରେ ଚାଳଚଳ କରୁଛି ଏବଂ ପରିବହନ ବିଭାଗ ଦ୍ୱାରା ଏହାର ସୁପରିଚାଳନା କରିବା ଦିଗରେ ବ୍ୟବସ୍ଥା ହୋଇଛି କି?

----

## ଜଳ ନିଷ୍କାସନ ବ୍ୟବସ୍ଥାପୂର୍ବକ କୃଷି କାର୍ଯ୍ୟ

***594 ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କଟକ ଜିଲ୍ଲାରେ କେତେ ଜଳସେଚନ ଆୟକଟ ଅଂଚଳ ଥିଲାବେଳେ ତନ୍ମଧ୍ୟରୁ କେତେ ଜମିରେ ଚାଷ ହେଉଛି ଓ କେତେ ଜମି ବର୍ଷସାରା ପାଣିରେ ବୁଡିରହିଛି, ଏହି ଅଂଚଳକୁ ସର୍ବେକ୍ଷଣ କରି ଜଳ ନିଷ୍କାସନ ବ୍ୟବସ୍ଥାପୂର୍ବକ କୃଷି କାର୍ଯ୍ୟ ଉପଯୋଗୀ କରିବାକୁ କି ପଦକ୍ଷେପ ନିଆଯାଉଅଛି?

----

## ପଟ୍ଟା ପ୍ରଦାନ ନିମନ୍ତେ ଟାସ୍କ ଫୋର୍ସ ଗଠନ

***595 ଶ୍ରୀ ନୀହାର ରଞ୍ଜନ ମହାନନ୍ଦ (ଅତାବିରା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ବରଗଡ ଜିଲ୍ଲା ପାଇକମାଳ ତହସିଲ ଅନ୍ତର୍ଗତ ବରତୁଣ୍ଡା ଗ୍ରାମର ଜମି ମାଲିକମାନଙ୍କ ବଳକା ସିଲିଙ୍ଗ ଜମି ବରତୁଣ୍ଡା ଏବଂ ଚେଙ୍ଗାଝାଞ୍ଜି ଗ୍ରାମର ଭୂମିହୀନ ବ୍ୟକ୍ତିମାନଙ୍କ ପାଇଁ ଉପଲବ୍ଧ ସମସ୍ତ ଆଇନଗତ ବିକଳ୍ପକୁ ସମାପ୍ତ ହୋଇଥିବା ବିଷୟ ସରକାର ଅବଗତ ଅଛନ୍ତି କି, ଯଦି 'ହଁ', 50 ବର୍ଷ ବିଳମ୍ବ ହୋଇଥିଲେ ସୁଦ୍ଧା ରାଜ୍ୟ ସରକାର କାହିଁକି ହିତାଧିକାରୀଙ୍କୁ ପଟ୍ଟା ଯୋଗାଇବା ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ଏବଂ ହିତାଧିକାରୀଙ୍କୁ ପଟ୍ଟା ଏବଂ ଅଧିକାର ଦେବା ପାଇଁ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରିବେ କି ?

----

## ଖଣି ଉତ୍ତୋଳନ

***596 ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ନିଲାମ ବେଳେ ଉଚ୍ଚା ପ୍ରିମିୟମରେ ଖଣି ନିଲାମ ନେଇଥିବା ପଟ୍ଟାଦାରମାନଙ୍କ ମଧ୍ୟରୁ କେଉଁ କେଉଁ ପଟ୍ଟାଦାର ବାର୍ଷିକ କେତେ ଉତ୍ତୋଳନ କରିବା ପାଇଁ Agreement କରିଛନ୍ତି ଓ କେଉଁ କେଉଁ ଖଣିଜ କେଉଁ ମାନର ବା Grade ର କେତେ ଉତ୍ତୋଳନ କରିଛନ୍ତି, ଯେଉଁମାନେ ଅଧିକ ପ୍ରିମିୟମ୍ ଦେଇ ଖଣି ହାତେଇଛନ୍ତି ସେମାନେ କିପରି ଉତ୍ପାଦନ କରି କେଉଁ ମୂଲ୍ୟରେ ଖଣିଜ ବିକ୍ରି କରି ଲାଭବାନ ହେଉଛନ୍ତି ସରକାର କେବେ ଅନୁଧ୍ୟାନ କରିଛନ୍ତି କି, ନିଲାମଧାରୀମାନେ ବିଭିନ୍ନ ଆଳ ଦେଖାଇ ସରକାରୀ କର୍ମଚାରୀଙ୍କ ସହ ଭିତିରି ବୁଝାମଣା କରି ଅଧିକ ଉତ୍ତୋଳନ କରି Low Grade ର ଖଣି ଦେଖାଇ ବହୁ ଅଧିକ ମୂଲ୍ୟରେ ରାଜ୍ୟ ମଧ୍ୟରେ ଶିଳ୍ପ ସଂସ୍ଥାକୁ, ରାଜ୍ୟ ବାହାରକୁ ଓ ବିଦେଶକୁ ରପ୍ତାନୀ କରି ସେମାନଙ୍କର ଲାଭ ଉଠାଇ ରାଜ୍ୟର ରାଜକୋଷ ଲୁଟ୍ କରୁଥିବାରୁ ସରକାର ଏମାନଙ୍କ କାର୍ଯ୍ୟକଳାପ ଉପରେ ନଜର ରଖିବେକି ?

----

## ନୂତନ ରାସ୍ତା ନିର୍ମାଣ

***597 ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ତାଳଚେର-ବିମଳାଗଡ Rail Line ବିଛାଇବା କାର୍ଯ୍ୟରେ ବର୍ତ୍ତମାନ ସ୍ଥିତି କ'ଣ ଅଛି, ଏହି Rail Line କେତେ K.M. ପର୍ଯ୍ୟନ୍ତ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ଏବଂ ସେହି ଅନୁସାରେ କେତେ K.M. ପର୍ଯ୍ୟନ୍ତ Rail Line ସମ୍ପୂର୍ଣ୍ଣ ହେବାକୁ ବାକି ଅଛି, ଏଥିପାଇଁ ସମସ୍ୟା କ'ଣ ଅଛି, ସରକାର ଏହାର ଉତ୍ତର ଦେବେ କି, ଏବଂ ଦେବଗଡ ଠାରେ 15 K.M. ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣ ପାଇଁ ଜମି ଅଧିଗ୍ରହଣ ସମସ୍ୟା ଅଛି ସେଥିପାଇଁ କି ପଦକ୍ଷେପ ନେଇଛନ୍ତି ?

----

## ଜଳନୀତି ପ୍ରଣୟନ ପାଇଁ ପ୍ରସ୍ତାବ

***୨୯୪ ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଏକ ଜଳନୀତି ପ୍ରଣୟନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି , ଉତ୍ତର ହଁ ହେଲେ ଏହାର କାର୍ଯ୍ୟକାରିତା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଘରଡ଼ିହ ପଟ୍ଟା ପ୍ରଦାନ

***୨୯୨ ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚମ୍ପୁଆ ଓ ବଡ଼ବିଲ୍ ତହସିଲ୍ ସହ କେନ୍ଦୁଝର ଜିଲ୍ଲାର କେଉଁ ତହସିଲ୍‌ରେ କେତେ ଭୂମିହୀନ ପ୍ରଜା ଚିହ୍ନଟ ହୋଇଛନ୍ତି, ତନ୍ମଧ୍ୟରୁ ଅଦ୍ୟାବଧି କେତେ ଭୂମିହୀନଙ୍କୁ ଘରଡିହ ଓ ପଟ୍ଟା ପ୍ରଦାନ କରାଯାଇଛି, ଅବଶିଷ୍ଟ ପ୍ରଜାଙ୍କୁ କେତେ ସୁଦ୍ଧା ଘରଡିହ ଓ ପଟ୍ଟା ପ୍ରଦାନ ପୂର୍ଣ୍ଣାଙ୍ଗ କରାଯିବ ?

----

## ଗୃହ ନିର୍ମାଣ ଉପକରଣ ଗୁଡିକୁ ସହଜରେ ଉପଲବ୍ଧ କରିବାକୁ ପଦକ୍ଷେପ

***୬୦୦ ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ସମଗ୍ର ରାଜ୍ୟରେ ବ୍ୟକ୍ତିଗତ ଗୃହ ନିର୍ମାଣ ଓ ସରକାରଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପାଦନ ପାଇଁ ମାଟି, ବାଲି, ମୋରମ, ପଥର, ଚିପ୍ସ, ଇଟା ଆଦି ଆବଶ୍ୟକ ହେଉଥିବା ସ୍ଥଳେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (National Green Tribunal) ର କଟକଣା ହେତୁ ନିର୍ମାଣ ସାମଗ୍ରୀ ସହଜରେ ଉପଲବ୍ଧ ହୋଇପାରୁନାହିଁ, ଯାହାଦ୍ୱାରା କି ନିର୍ମାଣ ସାମଗ୍ରୀର ଅଭାବ ସହିତ ଦୂର ସ୍ଥାନରୁ ପରିବହନ ହେତୁ ଅହେତୁକ ମୂଲ୍ୟବୃଦ୍ଧି ହେଉଅଛି, ଉକ୍ତ ନିର୍ମାଣ ସାମଗ୍ରୀ ସହଜରେ ଓ ଉଚିତ୍ ମୂଲ୍ୟରେ ପ୍ରତି ଜିଲ୍ଲାସ୍ତରରେ ଉପଲବ୍ଧ ହେବା ପାଇଁ ସରକାରଙ୍କ ବିକଳ୍ପ ବ୍ୟବସ୍ଥା ଅଛି କି ?

----